# Akashvani, Sambalpur

## SAMBALPURI NEWS EVENING BULLETIN

**24 August 2025- 7.02 pm- 7.12 pm.**

**********************************************

୧- ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍ ହେବା ପୂର୍ବାଂଚଲ୍ ବେସାମରିକ୍ ବିମାନ୍ ଚଲାଚଲ୍ ମନ୍ତ୍ରୀ ସମ୍ମିଳନୀ ।

୨- ସମ୍ବଲ୍‌ପୁର୍‌ର ଚିପିଲିମା ଠାନେ ନୂଆଁ କୃଷି ବିଶ୍ୱବିଦ୍ୟାଳୟ ଥାପ୍‌ନା ଲାଗି ସର୍‌କାର୍‌ଙ୍କର୍ ନିଷ୍ପତି ।

- ବଲାଙ୍ଗିର୍ ଆର୍ ମୟୁର୍‌ଭଞ୍ଜ୍ ନ ହେବା କୃଷି ମହାବିଦ୍ୟାଳୟ ।

୩- ନୂଆଖାଇ ଲାଗି ସମ୍‌ଲେଇ ମନ୍ଦିର୍‌କେ ପୁହୁଁଚିଲା ନୂଆ ଧାନ୍ ।

ଆଉର୍

୪- ଲଘୁଚାପ୍‌ର ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲାଗି ରହିଛେ ବର୍ଷା- ଆଏବା ୪୮ ଘଂଟା ଭିତ୍‌ରେ ଆଉ ଗୁଟେ ଲଘୁଚାପ୍‌ର ସମ୍ଭାବନା ।

ବିମାନ୍ ଚଲାଚଲ୍ ସମ୍ମିଲନୀ          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍ ପୂର୍ବାଂଚଲ୍ ବେସାମରିକ ବିମାନ୍ ଚଲାଚଲ୍ ମନ୍ତ୍ରୀ ସମ୍ମିଲନୀ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ସମ୍ମିଲନୀଥି କେନ୍ଦ୍ରମନ୍ତ୍ରୀ, ବରିଷ୍ଠ ଅଧିକାରୀ ଆଉ ଶିଳ୍ପ ପ୍ରତିନିଧି ମାନେ ଯୋଗ୍ ଦେଇକରି ପୂର୍ବ ଭାରତ୍‌ଥି ବେସାମରିକ୍ ବିମାନ୍ ଚଲାଚଲ୍ କ୍ଷେତ୍ରଥି ଥିବା ସୁଯୋଗ୍ ଆଉ ଆହ୍ୱାନ୍ ବାବ୍‌ଦେ ଆଲୋଚନା କର୍‌ବେ । କେନ୍ଦ୍ର ବେସାମରିକ୍ ବିମାନ୍ ଚଲାଚଲ୍ ମନ୍ତ୍ରୀ ରାମ୍‌ମୋହନ୍ ନାଇଡୁ କିଞ୍ଜାରାପୁ ଙ୍କର୍ ସହେତେ ଛତିଶ୍‌ଗଡ୍, ବିହାର୍, ଝାର୍‌ଖଣ୍ଡ, ପଶ୍ଚିମବଙ୍ଗ୍ ଆର୍ ଆଣ୍ଡାମାନ୍ -ନିକୋବର୍ ଦ୍ୱୀପପୁଞ୍ଜ କେନ୍ଦ୍ରଶାସିତ୍ ଅଂଚଲ୍ ସହେତେ ଓଡ଼ିଶାର୍ ବିମାନ୍ ଚଲାଚଲ୍ ପ୍ରତିନିଧିମାନେ ଉପସ୍ଥିତ୍ ରହେବେ ।

ପ୍ରତିଷ୍ଠା ଦିବସ-ଓୟୁଏଟି          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭାରତୀୟ ଅର୍ଥ ବ୍ୟବସ୍ଥାଥି କୃଷି ଆଉ ଆନୁସଙ୍ଗିକ୍ କାର୍ଯ୍ୟକଳାପ୍ ଗୁରୁତ୍ୱପୂର୍ଣ୍ଣ ଯୋଗ୍‌ଦାନ୍ ସହେତେ ଗ୍ରାମୀଣ ଜୀବିକାଥି ସାହାଜ୍ କର୍‌ସି ବଲି ରାଜ୍ୟପାଲ୍ ଡକ୍ଟର୍ ହରବାବୁ

କମ୍ପମପାଟି କହିଛନ୍। ଭୁବ୍‌ନେଶ୍ୱର୍ ନ ଥିବା ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଲୟ- ଓୟୁଏଟିର ୬୪ ନମ୍ବର୍ ପ୍ରତିଷ୍ଠା ଦିବସ୍‌ଥି ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍। ଭାରତ୍‌ର ସଂସ୍କୃତି ଆଉ ଐତିହ୍ୟ ଉପ୍‌ରେ କୃଷି ଗଭୀର୍ ପ୍ରଭାବ୍ ପକାସି। କୃଷି ବିଶ୍ୱବିଦ୍ୟାଲୟ ନ ଜ୍ଞାନ୍ ଆଧାର୍ ବିକଶିତ୍ କର୍‌ବାର୍, ଉତମ୍ ବୈଷୟିକ୍ ଜ୍ଞାନ୍ ସହେତେ କୁଶଳୀ ମାନବ୍ ସମ୍ବଳ ବନାବାର୍ ଆଉ ଉତ୍ପାଦକତାକେ ବଢ଼ାବାର୍ ଲାଗି ପ୍ରଯୁକ୍ତି ବିଦ୍ୟା ଉଦ୍ଭାବନ୍ ଉପ୍‌ରେ ରାଜ୍ୟପାଲ୍ ଜୋର୍ ଦେଇଛନ୍। ବିକଶିତ୍ ଭାରତ୍‌ର ପରିକଳ୍ପନାକେ ସଫଲ୍ କର୍‌ବାର୍ ଲାଗି ନିଯୁକ୍ତିଦାତା ହେବାର୍ ଲାଗି ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍।

କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷି ଆଉ କୃଷକ୍ ସଶକ୍ତିକରଣ୍ ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି କହିଛନ୍, ରାଜ୍ୟ ସର୍‌କାର୍ ସମ୍ବଲ୍‌ପୁର୍ ଚିପିଲିମା ଠାନେ ଗୁଟେ ନୂଆଁ କୃଷି ବିଶ୍ୱବିଦ୍ୟାଲୟ ଥାପ୍‌ନା କର୍‌ବାର୍‌କେ ନିଷ୍ପତି ନେଇଛନ୍। ଇତାର୍‌ସହେତେ ବଲାଙ୍ଗିର୍ ଆଉ ମୟୁର୍‌ଭଞ୍ଜ୍ ଠାନେ କୃଷି ମହାବିଦ୍ୟାଲୟ, ଆର୍ ସୋନ୍‌ପୁର୍ ଠାନେ ମତ୍ସ୍ୟ ମହାବିଦ୍ୟାଲୟ ଥାପ୍‌ନା କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍। କାର୍ଯ୍ୟକ୍ରମ୍‌ଥି ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ପ୍ରମୁଖ ଉପସ୍ଥିତ୍ ଥିଲେ। ଇ ଅବ୍‌ସରେ ୩୩ ଝନ୍ ଚାଷୀଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଛେ।

ଡିଆରଡିଓ          ଆର୍‌ଏନ୍‌ୟୁ/ କଟକ୍

ସମନ୍ୱିତ ବାୟୁ ପ୍ରତିରକ୍ଷା ଅସ୍ତ୍ର ପ୍ରଣାଲୀ -ଆଇଏଡିଡବ୍ଲୁଏସ୍ ର ପହେଲା ଉଡ଼ାନ୍ ପରୀକ୍ଷଣ୍ ସଫଲତାର୍ ସହେତେ ହେଇଛେ । ପ୍ରତିରକ୍ଷା ଗବେଷଣା ଆଉ ବିକାଶ୍ ସଂଗଠନ୍ ଡିଆର୍‌ଡିଓ ତର୍‌ଫୁ ଗଲାକାଏଲ୍ ଓଡ଼ିଶା ସମୁଦ୍ର ଖଁଡ଼ି ନ ଇତାର୍ ପରୀକ୍ଷଣ୍ କରାଯାଇଛେ । ପରୀକ୍ଷଣ୍ ସମିଆଥି ୨ ଟା ଦ୍ରୁତଗାମୀ ଫିକ୍ସଡ୍ ୱିଙ୍ଗ୍ ମାନବ ବିହିନ ବାୟୁ ଯାନ ଆଉ ଗୁଟେ ମଲ୍ଟିକପ୍‌ଟର୍ ଡ୍ରୋନ୍ ସହେତେ ୩ ଟା ଅଲ୍‌ଗା ଅଲ୍‌ଗା ଲକ୍ଷ୍ୟ ଜାଗାକେ ଇ ଅସ୍ତ୍ରପ୍ରଣାଲୀ ସଠିକ୍ ଭାବେ ଲକ୍ଷ୍ୟଭେଦ କରିପାରିଥିଲା । ପରୀକ୍ଷଣ୍ ସମିଆଥି ଡିଆର୍‌ଡିଓର ବରିଷ୍ଠ ବୈଜ୍ଞାନିକ୍ ଆଉ ସଶସ୍ତ୍ର ବାହିନୀର୍ ପ୍ରତିନିଧି ଉପସ୍ଥିତ୍ ଥିଲେ । ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଇ ସଫଲ୍ ପରୀକ୍ଷଣ୍ ଲାଗି ଡିଆର୍‌ଡିଓ ଆଉ ଅଲ୍‌ଗା ଅଂଶୀଦାର୍‌ମାନ୍‌କୁ ଅଭିନନ୍ଦନ୍ ଜନେଇଛନ୍ । ଦେଶର୍ ବହୁସ୍ତରୀୟ ବାୟୁ ପ୍ରତିରକ୍ଷା କ୍ଷମତାକେ ଇଟା ବଢ଼ାବାର୍ ସହେତେ ଶତ୍ରୁ ଆଡୁ ଆକାଶ୍‌ମାର୍ଗଥି ଆସୁଥିବା ବିପଦ୍‌କେ ପ୍ରତିହତ୍ କର୍‌ବାର୍‌ଥି ସାହାଜ୍ କର୍‌ବା ବଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ କହିଛନ୍ ।

ପିଏମ୍ ପ୍ରକାଶ୍‌ପର୍ବ       ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀ ଗୁରୁଗ୍ରନ୍ଥ ସାହେବ୍‌ଜୀଙ୍କର୍ ପ୍ରକାଶ୍ ପର୍ବ ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶ୍ରୀ ମୋଦୀ କହିଛନ୍, ଶ୍ରୀ ଗୁରୁଗ୍ରନ୍ଥ ସାହେବ୍‌ଜୀଙ୍କର୍ କାଳଜୟୀ ଶିକ୍ଷା ସମ୍‌କର୍ ଜୀବନ୍‌କେ ଉକିଆ କରୁଛେ । କରୁଣା, ନମ୍ରତା ଆଉ ସେବାର୍ ମୂଲ୍ୟବୋଧ୍‌କେ ଇଟା ସୋର୍ କରେଇଦେସି । ଶ୍ରୀଗୁରୁଗ୍ରନ୍ଥ ସାହେବ୍‌ଜୀ ଦେଖେଇଥିବା ଜ୍ଞାନ୍ ଆଉ ମାର୍ଗକେ ଅନୁସରଣ୍ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ       I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସମଲେଇ ମନ୍ଦିର-ନୂଆଧାନ୍          ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ମା ସମଲେଇ ମନ୍ଦିର୍‌କେ ନୂଆଖାଇ ଲାଗି ଆଏଜ୍ ନୂଆଧାନ୍ ପୁହୁଁଚିଛେ । ଅଗଷ୍ଟ ମାସର୍ ୨୮ ତାରିଖ୍ ନୂଆଖାଇ ପରବ୍ ଲାଗି ଲଗନ୍ ଧାରିଜ୍ ହେଇଥିବାର୍ ବେଲେ ଇଷ୍ଟଦେବୀ ମା ସମଲେଶ୍ୱରଙ୍କର୍ ଠାନେ ଦିନର୍ ୧୦ ବାଜିକରି ୩୩ ମିନିଟ୍‌ନୁ ୧୦ ବାଜିକରି ୫୫ ମିନିଟ୍ ଭିତ୍‌ରେ ନବାନ୍ନ ଲାଗି ହେବା । ନୂଆଧାନ୍ ନୁ ପ୍ରସ୍ତୁତ୍ ନୈବେଦ୍ୟ ଇଷ୍ଟଦେବୀଙ୍କର୍ ଠାନେ ଅର୍ପଣ୍ କର୍‌ବାର୍ ବିଧି ରହିଛେ । ୬୦ ଦିନେ ଅମଲ୍ ହେଉଥିବା ଇ ଧାନ୍‌କେ ଖେତେ ପୂଜାର୍ଚ୍ଚନା କରିକରି କାଟ୍‌ବାର୍ ଉତ୍‌ରୁ ବଲ୍‌ବସ୍‌ପୁର୍‌ର ଚାଷୀ ସୁବାସ ବେହେରା ମା ସମଲେଶ୍ୱରୀ ମନ୍ଦିର୍‌କେ ଆସିକରି ମୁଖ୍ୟ ପୂଜକଙ୍କୁ ଇ ନୂଆଁ ଧାନ୍ ଦେଇଛନ୍ । ଇ ବାବ୍‌ଦେ ସେ ତାଙ୍କର୍ ପ୍ରତିକ୍ରିୟାଥି  କହିଛନ୍...

(ଭଏସ୍ ଓଭର୍- ସୁବାସ୍ ବେହେରା)

ପଥର୍ଲା ନୂଆଖାଇ          କଳାହାଣ୍ଡି ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଆଏବା ୨୮ ତାରିଖ୍ ଦିନ ନୂଆଖାଇ ପାଲନ୍ କର୍‌ବାର୍‌କେ ଥିବାର୍ ବେଲେ କଲାହାଣ୍ଡି ଜିଲ୍ଲା ନ ନୂଆଖାଇର ଗୁଟେ ଭିନେ ରକମ୍ ପରମ୍ପରା ରହିଛେ । ପରମ୍ପରା ଅନ୍‌ସାରେ ଭୁଦୋ ମାସର୍ ଉଜଲ୍‌ପଖର୍ ଆଏଜ୍ ପହେଲା ଦିନେ ପହେଲା ଖେପେ ୩ ଟା ଗାଁର୍ ୫ ହଜାର୍‌ନୁ ଅଏତ୍‌କା ଲୁକେ ନୂଆଁ ଖାଇଛନ୍ । ନୂଆ ଖାଇସାର୍‌ଲା ଉତ୍‌ରୁ ନୂଆଖାଇ ଜୁହାର୍‌ଭେଟ୍ କାର୍ଯ୍ୟକ୍ରମ୍ ହେଇଥିଲା ।

(ଭଏସ୍ ଓଭର୍-ଶରତ୍ ଚନ୍ଦ୍ର ମାଝୀ)

ଇନ ଜନେଇ ଦିଆଯାଇପାରେ ଯେ, ଜିଲ୍ଲା ନ ୫ ଟା ଖେପେ ନୂଆ ଖାଏବାର୍ ପରାମ୍ପରା ରହିଛେ । କିମ୍ବଦନ୍ତୀ ଅନ୍‌ସାରେ ନାଗବଂଶ ରାଜାଙ୍କର୍ ଗଙ୍ଗବଂଶ ସାଙ୍ଗେ ଯୁଦ୍ଧ ହେଇଥିଲା । ପଥର୍ଲା ଗାଁର୍ ଗୌନ୍ତିଆ ଯୁଦ୍ଧଥି ନାଗବଂଶ ରାଜାଙ୍କୁ ସାହାଜ୍ କରିଥିଲେ । ଯୁଦ୍ଧଥି ଜିତ୍‌ବାର୍ ଉତ୍‌ରୁ ରାଜା- ଗୌନ୍ତିଆଙ୍କୁ କିଛି ମାଗ୍‌ବାର୍ ଲାଗି କହିଥିଲେ । ଆମେ ସମ୍‌କର୍‌ନୁ ଆଘୋ ନୂଆଁ ଖାଏମୁ ବଲି ଗୌନ୍ତିଆ ରାଜାଙ୍କୁ କହିଥିଲେ । ଜିଲ୍ଲା ନ ନୂଆଖାଇ ପୁରା ଉଆଁସ୍‌ନୁ ମୁଲ୍ ହେଇକରି ଦଶ୍‌ରାମାସର୍ ଦଶ୍‌ମୀ ଦିନ ଶେଷ୍ ହେସି ।

ନୂଆପଡ଼ା-ନୂଆଖାଇ                    ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଦିମ ଜନଜାତି ଚାକୋଟିଆ ଭୁଞ୍ଜିଆଙ୍କର୍ ଅଧିଷ୍ଠାତ୍ରୀ ଦେବୀ ମା ସୁନାଦେଈଙ୍କର୍ ନୂଆଖାଇ ପରବ୍ ପାଳିତ୍ ହେଇଯାଇଛେ । ଭୁଦୋ ମାସର୍ ଉଆଁସ୍ ତିଥି ନ ମା ସୁନାଦେଈଙ୍କର୍ ପୀଠ ନ ନୂଆଖାଇ କରାଯାଏସି । ଇ ପରବ୍ ପାଳନ୍ ଲାଗି ଦଶଭାଇ ୮୪ ଟା ଟିକିରି ଗାଁ ନ ଆସିକରି ସାମିଲ୍ ହେସନ୍ । ଇ ଅବ୍‌ସରେ ମହିଳାମାନେ ନିଜର୍ ଘର୍‌କେ ଲାଲ୍ ରଙ୍ଗର୍ ମାଏଟ୍‌ଥି ଲିପାପୁଛା କର୍‌ସନ୍ । ମା ସୁନାଦେଈ କଲାସି ଦେହେଥି ଆସିକରି ନୂଆଁ ଶସ୍ୟ ଗ୍ରହଣ୍ କର୍‌ବାର୍ ସହେତେ ସଭେ ଗୁଟେ ଠାନେ ନୂଆଁ ଖାଇକରି ଜୁହାର୍‌ଭେଟ୍ ହେସନ୍ ।

ଦାବାଗ୍ନି ଲୀଳା ନୀତି      ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ପବିତ୍ର ଦାବାଗ୍ନି ଲୀଳା ହେବା । ଜନ୍ମାଷ୍ଟମୀ ଉତ୍‌ରୁ ଶ୍ରୀମନ୍ଦିର୍ ନ ହେଇଆସୁଥିବା ଶ୍ରୀକୃଷ୍ଣଲୀଳା ଥି ଆଏଜ୍ ସନ୍ଧ୍ୟାଧୂପ ଉତ୍‌ରୁ ନାଟ ମଣ୍ଡପ୍ ନ ଖାସ୍ ନୀତି ହେବା । ମହାଜନ୍‌ସେବକ୍‌ମାନ୍‌କର୍ ତର୍‌ଫୁ ରାମକୃଷ୍ଣ ଆଜ୍ଞାମାଳ ପାଇକରି ଦକ୍ଷିଣି ଘରୁ ରତ୍ନସିଂହାସନ୍ ନ ନାଟମଣ୍ଡପକେ ବିଜେ କର୍‌ବେ । ଧୂପ, ଦୀପ ଆର୍ ନୈବେଦ୍ୟ ଉତ୍‌ରୁ ମାଟି ମଣ୍ଡପ ସାହି ଆଖଡ଼ା ନୁ ଦାବାଗ୍ନି ରାକ୍ଷସ୍ ନୀତି ହେବା ।

ପରୀକ୍ଷା ଖାତା ଯାଂଚ୍ ଆବେଦନ୍    ଆର୍ଏନ୍ୟୁ/ ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ମେଟ୍ରିକ୍ ସପ୍ଲିମେଂଟରୀ ଆଉ ରାଜ୍ୟ ମୁକ୍ତ ବିଦ୍ୟାଲୟ ସାର୍ଟିଫିକେଟ୍ ପରୀକ୍ଷାର ଉତର୍ଖାତା ଫେର୍ଘାଏ ଯାଂଚ୍ ଲାଗି ଆବେଦନ୍ ଆଏଜ୍ଠାନୁ ମୁଲ୍ ହେଇଛେ । ଇଟା ଆଏବା ମାସ ୨ ତାରିଖ୍ତକ୍ ଚାଲ୍ବା । ଆବେଦନ୍କାରୀମାନେ କାର୍ଯ୍ୟଦିବସ୍ ମାନ୍କେ ବୋର୍ଡ଼ର ମୁଖ୍ୟ କାର୍ଯ୍ୟାଲୟ ନାହେତ ଶାଖା କାର୍ଯ୍ୟାଲୟ ନ ଅଫ୍‌ଲାଇନ୍‌ଥି ଆବେଦନ୍ କରିପାର୍ବେ । ଆବେଦନ୍ କର୍ବାର୍ ଲାଗି ବୋର୍ଡ଼ର ୱେବ୍ସାଇଟ୍ www.bseodisha.ac.in ଥି ଫର୍ମ ମିଳୁଛେ ।

ଦେବ୍ଗଡ୍-ବିଜ୍ଞାନ୍ ପ୍ରକଳ୍ପ      ଦେବ୍ଗଡ୍ ସମ୍ବାଦଦାତା

ଦେବ୍ଗଡ୍ ଜିଲ୍ଲା ଜବାହାର୍ ନବୋଦୟ ବିଦ୍ୟାଲୟ ନ ମହାକାଶ୍ ଉପ୍ରେ ଗୁଟେ କଳା ସମନ୍ୱିତ ଲୁନା ସ୍ପେଶ୍ରୁମ୍ ଶୀର୍ଷକ୍ ଆକର୍ଷଣୀୟ ବିଜ୍ଞାନ୍ ପ୍ରକଳ୍ପ ଉଦ୍ଘାଟିତ୍ ହେଇଛେ । ଇ ପ୍ରକଳ୍ପଥି ଛାତ୍ରମାନେ ଚନ୍ଦ୍ରର୍ ସୂକ୍ଷ୍ମ ବିବରଣୀ ପ୍ରଦାନ୍ କରିଛନ୍ । ଇ ମୋଡେ଼ଲ୍ଥି ଚନ୍ଦ୍ରପୃଷ୍ଠର୍ ଭିନ୍ ଭିନ୍ ଦିଗ୍କେ ଦେଖ୍ବାର୍କେ ମିଲିଥିଲା । ଯେନ୍ଥି ଚନ୍ଦ୍ରପୃଷ୍ଠର୍ ଗାଡ଼୍, ଖାଲ୍ ଆର୍ ପର୍ବତ୍ ଦେଖ୍ବାର୍କେ ମିଳିଛେ ।

ପାଣିପାଗ/ହୀରାକୁଦ୍                    ଆର୍ଏନ୍ୟୁ/ ସମ୍ବଲପୁର

ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପତ୍ୟକା ଆର୍ ତାର୍ ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ତିଆର୍ ହେଇଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୪୮ ଘଂଟା ଭିତ୍ରେ ଓଡ଼ିଶା- ପଶ୍ଚିମବଙ୍ଗ୍ ଉପକୂଳର ଉତର୍ପଶ୍ଚିମ ବଙ୍ଗୋପ୍ସାଗର୍ ନ ଆଉ ଗୁଟେ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍ରେ ସୁନ୍ଦର୍ଗଡ୍, ଝାର୍ସୁଗୁଡ଼ା, ଜଗତ୍ସିଂହପୁର୍, କେନ୍ଦ୍ରାପଡ଼ା, କେନ୍ଦୁଝର୍ ଆର୍ ମୟୁର୍ଭଞ୍ଜ୍ ନ ଘଡ୍ଘଡ଼ି ସାଙ୍ଗେ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।

ଉପର୍ମୁଡ଼େ ଜବର୍ ବର୍ଷା ହେବାର୍ନୁ ହୀରାକୁଦ୍ ଜଲ୍ଭଣ୍ଡାର୍ର ୧୨ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ । ସଞ୍ଜ୍ବେଲର୍ ୬ ବଜେତକ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୨୧ ଦଶ୍ମିକ୍ ୭/୩ ଫୁଟ୍ ରହିଛେ । ଜଲ୍ଭଣ୍ଡାର୍କେ ଫି’ ସେକେଣ୍ଡ୍ଥି ୨ ଲାଖ୍ ୨୫ ହଜାର୍ ୨ ଶହ ୩ ଘନଫୁଟ୍ ପାଏନ୍ ଆସୁଥିଲା ବେଲ୍କେ ସମାନ୍ ପରିମାଣ୍ର ପାଏନ୍ ଛଡ଼ାଯାଉଛେ ।